# Akashvani, Sambalpur

## SAMBALPURI NEWS EVENING BULLETIN

**1 July 2024- 7.02 pm- 7.12 pm.**

*********************************************

୧- ଦେଶେ ଆଏଜ୍‌ଠାନୁ ଲାଗୁ ହେଲା ୩ ଟା ନୂଆଁ ଅପରାଧୀକ୍ ଆଇନ୍ ।

୨- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଜନ ଅଭିଯୋଗ୍ ଶୁଣାଣି ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଠାନେ ଲୁକ୍‌କର୍ ଅଭିଯୋଗ୍‌ର କଲେ ଶୁଣାଣି ।

୩- ଫି’ ଜିଲ୍ଲାର ପ୍ରାଥମିକ ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ମିଲ୍‌ବା ଡାଇଲିସିସ୍, ସିଟିସ୍କାନ୍ ଆର୍ ଏମ୍‌ଆର୍‌ଆଇ ପରୀକ୍ଷଣ୍ ସୁବିଧା ।

ଆଉର୍

୪- ସ୍ୱାସ୍ଥ୍ୟସେବା କ୍ଷେତ୍ର ନ ଡାକ୍ତର୍‌ମାନ୍‌କର୍ ନିସ୍ୱାର୍ଥପର ସେବାକେ ସମ୍ମାନ୍ ଜନେଇକରି ଆଏଜ୍ ଦେଶେ ପାଲନ୍ କରାଯାଉଛେ ଡାକ୍ତର୍ ଦିବସ୍ ।

ନୂଆଁ ଅପରାଧୀକ୍ ଆଇନ୍ ଆର୍‌ଏନ୍‌ୟୁ/ କଟକ୍/ ନୂଆପଡ଼ା/ ବୌଦ୍ଧ/ ବରଗଡ଼/ ଝାର୍‌ସୁଗୁଡ଼ା/ କଲାହାଣ୍ଡି/ ସୁବର୍ଣ୍ଣପୁର୍

ଦେଶେ ଆଏଜ୍‌ଠାନୁ ୩ ଟା ନୂଆଁ ଅପରାଧୀକ୍ ଆଇନ୍ ଲାଗୁ ହେଇଛେ । ସେ ଆଇନ୍‌ମାନ୍ ହେଲା - ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଆର୍ ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ୨୦୨୩ । ଇ ତିନ୍‌ହି ଆଇନ୍ ୧୮୬୦ ମସିହାର୍ ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଲ୍ କୋଡ଼୍- ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍ ୧୯୭୩ ଆର୍ ୧୮୭୨ ମସିହାର୍ ଇଣ୍ଡିଆ ଏଭିଡେନ୍ସ ଏକ୍ଟ ବଦଲ୍‌ଥି କାର୍ଯ୍ୟକାରୀ ହେଉଛେ । ଇ ଆଇନ୍‌ଥି ଇହାଦେର୍ ସାମାଜିକ୍ ଥିତି ଆଉ ପରିବର୍ତନ୍‌କେ ନଜର୍‌ଥି ରଖିକରି ଦର୍‌କାରୀ ନିୟମ୍ ରଖାଯାଇଛେ । ତଦନ୍ତ୍‌କେ ଅଏତ୍‌କା ସହଜ୍ ଆର୍ ନ୍ୟାୟ ପ୍ରଦାନ୍‌କେ ତୁର୍‌ତି କର୍‌ବାର୍ ଲକ୍ଷ୍ୟଥି ଇ ଆଇନ୍‌ଥି ବ୍ୟବସ୍ଥା ରହିଛେ । ଭାରତୀୟ ନାଗରିକଙ୍କୁ ସମ୍ବିଧାନ୍ ଅନ୍‌ସାରେ ଅଧିକାର୍, ନ୍ୟାୟ ଆଉ ସୁରକ୍ଷା ଦେବାର୍ ହେଉଛେ ଇ ନୂଆଁ ଆଇନ୍‌ର ମୁଖିଆ ଉଦ୍ଦେଶ୍ ।

ରାଏଜେ ନୂଆଁ ଆଇନ୍ କାର୍ଯ୍ୟକାରୀ ହେଉଥିବାର୍‌ନୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସ୍ୱାଗତ୍ କରିଛନ୍ । ସେ କହିଛନ୍ ଯେ, ପୁର୍‌ନା ଆଇନ୍ ବଦ୍‌ଲିବାର୍‌ନୁ ଲୁକେ ଉପ୍‌କାର୍ ପାଏବେ ଆଉ

ମାମ୍ଲା ମାନ୍କର୍ ଜଲ୍ଦି ସମାଧାନ୍ ହେବା । ନୂଆଁ ଆଇନ୍ ବାବ୍ଦେ ସବୁ ପକ୍ଷକେ ସଚେତନ୍ କର୍ବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ରାଏଜେ ତିନ୍‌ହି ଅପରାଧିକ୍ ଆଇନ୍‌କେ ଠିକ୍ ଢଙ୍ଗେ ଲାଗୁ କରାବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ଜବର୍ ପଦ୍‌କ୍ଷେପ୍ ନିଆଯାଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି କହିଛନ୍ ଯେ, ନୂଆଁ ଅପରାଧୀକ୍ ଆଇନ୍ ବାବ୍ଦେ ସବୁ ପୁଲିସ୍ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ପ୍ରଶିକ୍ଷଣ୍ ଦେବାର୍‌କେ ଶହେ ଝନ୍ ମାଷ୍ଟର୍ ଟ୍ରେନର୍‌ଙ୍କୁ ନିୟୋଜିତ କରାଯାଇଛେ । ଆଏବା ଦିନେ ନୂଆଁ ଆଇନ୍‌ର କାର୍ଯ୍ୟକାରିତା ବାବ୍ଦେ ସନ୍ଦେହ ଦୂର୍ କର୍ବାର୍ ଲାଗି ସ୍ୱତନ୍ତ୍ର ପରାମର୍ଶ ବହି ସହେତେ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯିବା ବଲି ଶ୍ରୀ ଷଡ଼ଙ୍ଗୀ ସୂଚ୍‌ନା ଦେଇଥିଲେ ।

ଇତାର୍‌ଛଡ଼ା ଅନ୍‌ଲାଇନ୍ ଜରିଏ ଏତ୍‌ଲା ପଞ୍ଜିକରଣ୍, ପୁଲିସ୍ ରିପୋର୍ଟ ସହେତେ ମାମ୍‌ଲାର୍ ଥିତି ନିରୀକ୍ଷଣ୍ କର୍ବାର୍ ଲାଗି କ୍ରାଇମ୍ ଏଣ୍ଡ୍ କ୍ରିମିନାଲ୍ ଟ୍ରାକିଂ ନେଟ୍‌ୱାର୍କ ଏଣ୍ଡ୍ ସିଷ୍ଟମ୍-ସିସିଟିଏନ୍‌ଏସ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ୍ କର୍ବାର୍ ଲାଗି ସବୁ ଅଧିକାରୀଙ୍କୁ ପ୍ରଶିକ୍ଷଣ୍ ଦିଆ ସରିଥିବା ପୁଲିସ୍ ମହାନିର୍ଦ୍ଦେଶକ୍ କହିଛନ୍ ।

ନୂଆପଡ଼ା ଜିଲ୍ଲା ପୁଲିସ୍ ଅଧିକ୍ଷକଙ୍କର୍ କାର୍ଯ୍ୟାଳୟ ଠାନେ ନୂଆଁ ଅପରାଧୀକ୍ ଆଇନ୍ କାର୍ଯ୍ୟକାରିତା ବାବ୍ଦେ ଗୁଟେ

ସଚେତନତା ସଭା କରାଯାଇଥିଲା । ଇଥି ଜିଲ୍ଲାପାଲ୍ ହେମନ୍ତ ସାଏ ଆର୍ ଆରକ୍ଷୀ ଅଧିକ୍ଷକ ଜି.ଆର୍. ରାଘବେନ୍ଦ୍ର ନୂଆଁ ଆଇନ୍ ମାନ୍କର୍ ବାବ୍ଦେ ବୁଝେଇଥିଲେ । ହେନ୍ତା ଜିଲ୍ଲାର୍ ସବୁ ଥାନା ନ ଭିଲ୍ ସଚେତନତା ଶିବିର କରାଯାଇଛେ । ସେନ୍ତା ଖଡ଼ିଆଲ୍ ଉପକାରାଗାର୍ ନ ଗୁଟେ ସଭାଥି ନୂଆଁ ଆଇନ୍ ନାଗରିକ୍ମାନ୍କୁ ପ୍ରାଥମିକତା ନ୍ୟାୟ ପ୍ରଦାନ୍ ଦିଗେ ସାହାଜ୍ କର୍ବା ବଲି ବରିଷ୍ଠ ସାମ୍ବାଦିକ୍ ତପନ୍ କୁମାର୍ ଦାସ କହିଥିଲେ । ଇଥି କାରାଗାର୍ ଅଧିକ୍ଷକ ବଳରାମ୍ ବିଶି ଅଧକ୍ଷତା କରିଥିଲେ ।

ବର୍ଗଡ଼୍ ଜିଲ୍ଲା ପୁଲିସ୍ ପ୍ରଶାସନ୍ ତର୍ଫୁ ଆଏଜ୍ ଜିଲ୍ଲାର୍ ସବୁ ଥାନା ମାନ୍କୁ ନେଇକରି ଆଇନ୍ ବାବ୍ଦେ ଗୁଟେ ମାର୍ଗଦର୍ଶନ୍ କାର୍ଯ୍ୟକ୍ରମ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କର୍ କାର୍ଯ୍ୟାଳୟ ଆଉ ଥାନାମାନ୍କେ ନୂଆଁ ଆଇନ୍ ବାବ୍ଦେ ସଚେତନତା କାର୍ଯ୍ୟକ୍ରମ୍ କରାଯାଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ରାଜ୍ପ୍ରସାଦ୍ ଆଉ ଅଲ୍ଗା ବରିଷ୍ଠ ଅଧିକାରୀମାନେ ନୂଆଁ ଆଇନ୍ ମାନ୍କର୍ ବାବ୍ଦେ ଆଲୋଚନା କରିଥିଲେ ।

ଝାର୍ସୁଗୁଡ଼ା ଜିଲ୍ଲା ନ ତିନ୍ହି ନୂଆଁ ଆଇନ୍ ବାବ୍ଦେ ଗୁଟେ ଆଲୋଚନାଚକ୍ର ହେଇଥିଲା । ଇଥି ଆରକ୍ଷୀ ଅଧିକ୍ଷମ୍ ସ୍ମିଥ୍ ପି. ପରମାର୍, ଜିଲ୍ଲା ଓକିଲ୍ ସଂଘ, ବରିଷ୍ଠ ନାଗରିକ୍ ସଂଘର ସଭ୍ୟ ଆଉ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

କଲାହାଣ୍ଡି ଏସ୍.ପି. ଅଭିଲାସ୍ ଜି.ଙ୍କର୍ ଉପସ୍ଥିତି ନ ଜିଲ୍ଲା ପୁଲିସ୍ ସଭାଗୃହ ନ ହେଇଥିବାର୍ ସଚେତନତା ସଭାଥି ପୁଲିସ୍ ଅଧିକାରୀ, ବୁଦ୍ଧିଜୀବୀ ଆର୍ ସାମ୍ବାଦିକ୍ମାନେ ଯୋଗ୍ ଦେଇଥିଲେ ।

ହେନ୍ତା ସୁବର୍ଣ୍ଣପୁର୍ ସଦର୍, ବୀର୍ମହାରାଜ୍ପୁର୍ ସହେତେ ଜିଲ୍ଲାର୍ ସବୁ ଥାନା ନ ତିନ୍ହି ନୂଆଁ ଆଇନ୍ ବାବ୍ଦେ ସଚେତନତା କର୍ମଶାଳା ଅନୁଷ୍ଠିତ୍ ହେଇଛେ । ଇଥି ତ୍ୱରିତ୍ ନ୍ୟାୟ ବ୍ୟବସ୍ଥାର୍ ଲାଗି ନୂଆଁ ଆଇନ୍ଥି ଥିବାର୍ ଇ-ଏତଲା ବାବ୍ଦେ ସଚେତନ୍ କରାଯାଇଥିଲା ।

ପ୍ରଧାନ୍ମନ୍ତ୍ରୀ-ଡିଜିଟାଲ୍ ଇଣ୍ଡିଆ ଆର୍ଏନ୍ୟୁ/ସମ୍ବଲପୁର

ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ୍ ସଫଳତାର୍ ସହେତେ ୯ ବରସ୍ ପୁରା କରିଥିବାର୍ନୁ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ । ସେ କହିଛନ୍ ଯେ, ଡିଜିଟାଲ୍ ଇଣ୍ଡିଆ ସଶକ୍ତ ଭାରତ୍ର ପ୍ରତୀକ୍ ଆଏ । ଯେନ୍ଟାକି “ଇଜ୍ ଅଫ୍ ଲିଭିଙ୍ଗ୍’ ଆର୍ ସ୍ୱଚ୍ଛତାକେ ବର୍କସ୍ କରିପାରିଛେ । ଇଟା ଦଶକ୍ ଭିତ୍ରେ ହେଇଥିବାର୍ ବିକାଶ୍ର ଗୁଟେ ଝଲକ୍, ଇଥିର୍ଲାଗି ପ୍ରଯୁକ୍ତିବିଦ୍ୟାର୍ ସଫଲ୍ ବେଭାର୍ ହିଁ କାରଣ୍ ବଲି ମାଇ ଗଭ ଇଣ୍ଡିଆର ଗୁଟେ ସାମାଜିକ୍ ଗଣମାଧ୍ୟମ୍ର ପୋଷ୍ଟକେ ସେୟାର୍ କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି

ଆର୍ଏନ୍ୟୁ/ କଟକ୍/ ବୌଦ୍ଧ/ ବର୍ଗଡ଼୍/ କଲାହାଣ୍ଡି/ ସୁବର୍ଣ୍ଣପୁର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଲୁକ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଜନଶୁଣାଣି ଜରିଏ ଲୋକ୍ ଆର୍ ସର୍କାର୍ଙ୍କର୍ ଭିତ୍ରେ ସିଧାସଲଖ୍ ସମ୍ପର୍କ ପ୍ରତିଷ୍ଠା ହେଇଛେ । ଗଣତନ୍ତ୍ରଥି ଲୁକ୍କର୍ କଥା ଶୁନ୍ବାର୍ ଆର୍ ସମାଧାନ୍ କର୍ବାର୍ ଲାଗି ଚେଷ୍ଟା କର୍ବାର୍ଟା ଗୁଟେ ପ୍ରାଥମିକତା ଆଏ । ଇ କଥାକେ ଗୁରୁତ୍ୱ ଦେଇକରି ଆଏଜ୍ଠାନୁ ଜିଲ୍ଲାସ୍ତର୍ନୁ ଭିଲ୍ ଶୁଣାଣି ମୁଲ୍ ହେଇଛେ । ଇ ପ୍ରକ୍ରିୟାକେ ଆଗ୍କେ ଆହୁରି ବର୍କସ୍ କରାଯିବା ।

ଆଏଜ୍ ଦିନର୍ ୧୧ ବଜେନୁ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଜନଶୁଣାଣି ମୁଲ୍ ହେଇଥିଲା ।  ଇନ ବହୁତ୍ଟେ ଲୋକ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠକେ ଆସିକରି ମୁଖ୍ୟମନ୍ତ୍ରୀ ଆଉ ଅଲ୍ଗା ମନ୍ତ୍ରୀମାନ୍କୁ ସେମାନ୍କର୍ ସମସ୍ୟା କହିଥିଲେ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଆର୍ ଅଲ୍ଗା ମନ୍ତ୍ରୀମାନ୍କର୍ ଉପସ୍ଥିତିଥି ମୁଖ୍ୟମନ୍ତ୍ରୀ ନାଗରିକ୍ମାନ୍କର୍ ଅଭିଯୋଗ୍ ଶୁନିଥିଲେ । ଆଏଜ୍ ସବୁ ମିଶିକରି ୧ ହଜାର୍ ୫ ଶହ ୪୦ ଟା ଅଭିଯୋଗ୍ ପଞ୍ଜିକରଣ୍ ହେଇଥିବାର୍ ବେଲେ ୫ ହଜାର୍ନୁ ଅଏତ୍କା ଲୋକ୍ ଆସିଥିଲେ ।

ଆଏଜ୍ ରାଜ୍ୟର୍ ସବୁ ଜିଲ୍ଲା ନ ଜନଅଭିଯୋଗ୍ ଶୁଣାଣି ମୁଲ୍ ହେଇଛେ । ଜିଲ୍ଲାସ୍ତର୍ ନ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଭାବେ ଜନଶୁଣାଣି କରିଛନ୍ ।

ବର୍‌ଗଡ଼୍ ଜିଲ୍ଲା ଅମ୍ବାଭୋନା ପଂଚାୟତ୍ ସମିତି କାର୍ଯ୍ୟାଲୟଠାନେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଆଉ ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନା ଜନଶୁଣାଣି କରିଥିଲେ । ଇଥି ୩୨ ଟା ସାମୂହିକ୍ ସମସ୍ୟା ସହେତେ ସବୁ ମିଶିକରି ୮୭ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟଠାନେ ହେଇଥିବା ଜନଅଭିଯୋଗ୍ ଶୁଣାଣିଥି ୭୧ ଟା ଆପତି ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୧୩ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠି ଆର୍ ରେଡ଼କ୍ରସ୍‌ନୁ ୩ ଝନ୍‌କୁ ଆର୍ଥିକ୍ ସହାୟତା ଦିଆଯାଇଥିଲା ।

କଲାହାଣ୍ଡି ଜିଲ୍ଲା ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀ ଆର୍ ଏସ୍.ପି. ଅଭିଲାସ୍ ଜି. ଜନଶୁଣାଣି କରିଥିଲେ । ଇଥି ଶହେ ୮୬ ଟା ଅଭିଯୋଗ୍ ପତ୍ର ଦାଖଲ୍ କରାଯାଇଥିଲା । ୨୧ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ୧୮ ଝନ୍‌କୁ ଆର୍ ରେଡ଼କ୍ରସ୍ ପାଣ୍ଠିନୁ ଝନ୍‌କୁ ଆର୍ଥିକ୍ ସାହାଜ୍ ମଞ୍ଜୁର୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପରିଷଦ୍ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର ନ ଅତିରିକ୍ତ

ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଆର୍ ଏସ୍.ପି. ୟସ୍ ପ୍ରତାପ୍ ଶ୍ରୀମଲ୍ ଲୁକ୍‌କର୍ ଅଭିଯୋଗ୍ ଶୁଣାଣି କରିଥିଲେ । ଇନ ଆସିଥିବା ୩୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ଲାଗି ଉପସ୍ଥିତ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଦେବ୍‌ଗଡ଼୍‌ର ନୂଆଁ ଜିଲ୍ଲା ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବରଥି ଜିଲ୍ଲାପାଲ୍ ସୋମେଶ୍ କୁମାର୍ ଉପାଧ୍ୟାୟ ଅଭିଯୋଗ୍‌ମାନ୍‌କର୍ ଶୁଣାଣି କରିକରି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ରଥଯାତ୍ରା- ଗଜପତି ପ୍ରେସ୍ ରିଲିଜ୍

ରାଜ୍ୟ ଅତିଥି ଭବନ୍ ଠାନେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରଚନ୍ଦନ୍‌ଙ୍କର୍ ଭିତରେ ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଇଥି ମହାପ୍ରଭୁଙ୍କର୍ ରଥଯାତ୍ରା ବିଷେଥି ଆଲୋଚନା କରାଯାଇଥିଲା ।

ସେଆଡ଼େ ରଥଯାତ୍ରା ସମିଆଥି ମନ୍ଦିର୍ ଭିତର୍‌କେ ଭିଆଇପି ମାନ୍‌କର୍ ପ୍ରବେଶ୍‌କେ ଅନୁମତି ନାଇଁ ଦିଆଯାଏ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ରଥଯାତ୍ରାଥି ଶୃଙ୍ଖଲା ଆର୍ ମହିଳା ସୁରକ୍ଷାକେ ପ୍ରାଥମିକତା ଦିଆଯିବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ପୁରୀ

ନ ରଥ୍ଯାତ୍ରା ତୟାରି ନେଇକରି ଚୂଡ଼ାନ୍ତ ବୈଠକ୍ କର୍ବେ । ରଥ୍ଯାତ୍ରା ସମିଆଥି ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍ଥି ରଖିକରି ଆଇନ୍ ଶୃଙ୍ଖଲାକେ କଡ଼ାକଡ଼ି କରାଯିବା ବଲି ଆଇନ୍ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

## ପ୍ରାଥମିକ ଆର୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର- ସିଟିସ୍କେନ୍ ଏମ୍ଆର୍ଆଇ

ପ୍ରେସ୍ ରିଲିଜ୍

ରାଜ୍ୟର୍ ଫି’ ଜିଲ୍ଲା ନ ଥିବାର୍ ପ୍ରାଥମିକ ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ସର୍କାରୀ, ବେସର୍କାରୀ ସହଭାଗିତା ଜରିଏ ଏତ୍କେ ଡାଇଲିସିସ୍, ସିଟିସ୍କେନ୍ ଆର୍ ଏମ୍ଆରଆଇ ବାଗିର୍ ପରୀକ୍ଷା ସୁବିଧା ମିଲ୍ବା । ଇଥି ନିୟୋଜିତ ହେବାର୍କେ ଥିବାର୍ ଡାକ୍ତର୍ ଆଉ ବିଶେଷଜ୍ଞମାନ୍କର୍ ସାର୍ଟିଫିକେଟ୍ ଯାଂଚ୍ ବାବ୍ଦେ ଗୁଟେ ବିଜ୍ଞପ୍ତି ବାହାରିଛେ । ନିୟୋଜିତ ହେବାର୍କେ ଥିବା ସେବା ପ୍ରଦାନ୍କାରୀ ସଂସ୍ଥାମାନ୍କୁ ସମିଆ ସମିଆଥି ମନିଟରିଂ କରାଯିବା ।

ହପ୍ତେ ଭିତ୍ରେ ସମ୍ପୃକ୍ତ ସେବା ପ୍ରଦାନ୍କାରୀ ସଂସ୍ଥାମାନ୍କର୍ ପରିଚୟପତ୍ରର୍ ଯାଂଚ୍ କରିକରି ବିଭାଗ୍କେ ପଠାବାର୍ ଲାଗି ରାଜ୍ୟର୍ ସବୁ ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଆର୍ ନିର୍ଦ୍ଦେଶକମାନ୍କୁ ସ୍ୱାସ୍ଥ୍ୟ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ ।

ଜାତୀୟ ଡାକ୍ତର୍ ଦିବସ୍ ଆର୍ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ଡାକ୍ତର୍ ଦିବସ୍ । ସମାଜ୍‌ଥି ଡାକ୍ତର୍ ମାନ୍‌କର୍ ଉଁଚା ଦର୍‌ଜା ସମ୍ମାନ୍ ସହେତେ ତାଁକର୍ ଗୁଟେ ଦୁସ୍‌ରା ପହେଚାନ୍ ରହିଛେ । ଡାକ୍ତର୍‌ମାନ୍‌କର୍ ସମାଜ୍‌ର ଲୁକ୍‌କର୍ ଲାଗି ସେବା ଆର୍ ତ୍ୟାଗ୍‌କେ ସମ୍ମାନ୍ ଜନେଇକରି ୧୯୯୧ ମସିହା ଜୁଲାଇ ୧ ତାରିଖ୍‌ନୁ ପଶ୍ଚିମବଙ୍ଗର୍ ନାଁକରା ଡାକ୍ତର୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଧାନ୍ ଚନ୍ଦ୍ର ରୟଙ୍କର୍ ଜନମ୍ ଦିନ୍‌କେ ଜାତୀୟ ଡାକ୍ତରୀ ଦିବସ୍ ଭାବେ ପାଳନ୍ କରାଯାଉଛେ । ରୋଗୀ ସେବା କ୍ଷେତ୍ର ନ ସେବା କାମ୍ ଲାଗି ଡାକ୍ତର୍‌ମାନ୍‌କୁ ଅଏତ୍‌କା ପ୍ରତିଷ୍ଠା ଦେଇଛେ । ଇ ବଛ୍‌ରର୍ ଡାକ୍ତରୀ ଦିବସ୍‌ର ବାର୍ତା ହେଉଛେ 'ଆରୋଗ୍ୟକାରୀ ହାତ-ଯତ୍ନଶୀଳ ହୃଦୟ' ।

ଜାତୀୟ ଡାକ୍ତର୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାକ୍ତର୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୨୦୨୪ ପ୍ରେସ୍ ରିଲିଜ୍

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ସମନ୍ୱିତ ସର୍ବେକ୍ଷଣ- ୨୦୨୪ ମୁଲ୍ ହେଇଛେ ।

ଆଏଜ୍ ଇ କାର୍ଯ୍ୟକ୍ରମ୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ  ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବ୍ରହ୍ମପୁର୍‌ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ୍ ଠାନେ ଉଦ୍‌ଘାଟନ୍ କରିଛନ୍ । ସର୍ବେକ୍ଷଣ୍ ସମିଆଥି ଲୁକ୍‌କୁ ମେଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ବାଗିର୍ ରୋଗ୍ ବାବ୍‌ଦେ ସଚେତନ୍ କରାଯିବା । ଇ ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ ହେଇକରି ଅଗଷ୍ଟ ମାସର୍ ୩୧ ତାରିଖ୍‌ତକ୍ ଚାଲ୍‌ବା ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ପାଣିପାଗ- ବର୍ଷା          ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା କାଏଲ୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ସମ୍ବଲ୍‌ପୁର୍, ବର୍‌ଗଡ଼୍ ଆର୍ ରାୟଗଡ଼ାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ନବରଙ୍ଗ୍‌ପୁର୍ ନ ଆଏଜ୍ ସବୁନୁ ଅଏତ୍‌କା ୬୦ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼୍ ହେଇଛେ ।